ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ODISHA SCHOOL EDUCATION PROGRAMME AUTHORITY**
**"SHIKSHA SOUDHA", UNIT-V, BHUBANESWAR-751001**
Ph No.0674- 2390366(O), FAX-0674-2392721
E.mail- opepaedu@yahoo.co.in / etextbook18@gmail.com

No. 6254 / TB / 26 Dated: 6.6.26

To
All DEO-cum-District Project Coordinators
Samagra Shiksha, Odisha.

Sub: Correction of printing mistake in the book "Sahitya Suman" for Grade – VII.

Ref: Letter No. 3191/27.05.2026 of the Director, TE&SCERT, Bhubaneswar.

Madam / Sir,

In inviting a reference to the letter and subject cited above, I am to inform you that, DTE & SCERT has taken necessary steps to verify the errors found in the "sahitya Suman!' for Grade - VII and prepare the corrigendum alongwith corrected chapter on "Mahan Biplabi Madho Singh" which was verified by the internal committee. The corrigendum alongwith corrected chapter on "Mahan Biplabi Madho Singh" for the Odia Textbook "Sahitya Suman" for Grade - VII is enclosed for your ready reference.

In view of above, you are requested to issue instruction to School level that, instead of the topic on "Mahan Biplabi Madho Singh" in the book "Sahitya Suman" for Grade - VII, the enclosed corrected material on "Mahan Biplabi Madho Singh" and corrigendum for "Sahitya Suman" Grade - VII will be read at school level.

. Yours faithfully,

Encls: As above

State Project Director

Memo No. 6255/TB/26 Date: 6.6.26
Copy to the Director, TE&SCERT, Odisha, Bhubaneswar for information .

State Project Director

# DIRECTORATE OF TEACHER EDUCATION AND SCERT : ODISHA : BHUBANESWAR

**No.** 3191 **Date.** 27/05/26

TE/CUR-02/2026
SCERT-APM-CUR-0002-2026

**From**

**The Director,**
**TE and SCERT,**
**Odisha, Bhubaneswar**

**To**

**The Private Secretary to Minister,**
**School & Mass Education, S.T. & S.C. Development,**
**Minorities & Backward Classes Welfare and Social Security & Empowerment of Persons with Disabilities, Odisha**

**Sub: Regarding Correction of printing mistake in the book "Sahitya Suman" for Grade - VII.**

**Ref: Your Memo No. 960(WE)/MSSS, dtd. 14.05.2026.**

**Sir,**

In inviting a reference to the subject cited above, I am to inform you that, DTE & SCERT has taken necessary steps to verify the errors found in the "Sahitya Suman" for Grade – VII and prepare the corrigendum alongwith corrected chapter on "Mahan Biplabi Madho Singh" which was verified by the internal committee.

The corrigendum alongwith corrected chapter on "Mahan Biplabi Madho Singh" for the Odia textbook "Sahitya Suman" for Grade – VII is enclosed for kind information of the Hon'ble Minister, School & Mass Education, S.T. & S.C. Development, Minorities & Backward Classes Welfare and Social Security & Empowerment of Persons with Disabilities, Odisha.

***Encl: As above***

**Yours faithfully,**

**Director**

***Memo No.*** 3192 ***dated*** 27/05/26

Copy forwarded to the ***Principal Private Secretary to the Commissioner-cum-Secretary, Department of School and Mass Education, Odisha, Bhubaneswar*** for kind information of the Commissioner-cum-Secretary.

**Director**

**Memo No.**3193........ **dated** 27/05/26

Copy forwarded to the ***State Project Director, Odisha School Education Programme Authority, Bhubaneswar*** for information and with a request to issue necessary instruction to all the DEOs that instead of the topic on “Mahan Biplabi Madho Singh” in the book “Sahitya Suman” for Grade – VII, the enclosed corrected material on “Mahan Biplabi Madho Singh” and corrigendum for “Sahitya Suman” Grade – VII will be read at school level.

**Director**

**Memo No.**3194........ **dated** 27/05/26

Copy forwarded to the ***Director, Elementary Education, Odisha, Bhubaneswar*** for information and necessary action.

**Director**

# ମହାନ୍ ବିପ୍ଳବୀ ମାଧୋ ସିଂହ

ବୀରେନ୍ଦ୍ର ମହାନ୍ତି

ଆମ ଜନ୍ମଭୂମି ଭାରତବର୍ଷ ଶହଶହ ବର୍ଷ ଧରି ବିଦେଶୀ ଶାସକମାନଙ୍କ କବଳରେ ରହି ଅସ୍ତବ୍ୟସ୍ତ ହେଉଥିବା ସମୟରେ ଅନେକ ବରପୁତ୍ର ଜନ୍ମଲାଭ କରି ମାଟିମାଆକୁ ସ୍ୱାଧୀନ କରିବାପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାୟକ, ମଙ୍ଗଲ ପାଣ୍ଡେ, ଭଗତ ସିଂହଙ୍କ ଭଳି ଅନେକ ବୀର ମୁକ୍ତିସଂଗ୍ରାମୀଙ୍କ କଥା ମନେପଡ଼େ । ସେହିମାନଙ୍କ ଭଳି ଜଣେଥିଲେ ସହିଦ ମାଧୋ ସିଂହ, ଆମ ଓଡ଼ିଶା ମାଟିର ବୀରସନ୍ତାନ । ତାଙ୍କର ପୁରାନାମ ଥିଲା ମାଧୋ ସିଂହ ବରିହା । ତାଙ୍କ ସଂଘର୍ଷ ଓ ବଳିଦାନର କଥା ପାଠକଲେ ଦେହରେ ଶିହରଣ ସୃଷ୍ଟି ହୁଏ। ସମ୍ଭବତଃ ୧୭୮୬ ମସିହାରେ ସହିଦ ମାଧୋ ସିଂହଙ୍କର ଜନ୍ମ । ତାଙ୍କର କର୍ମସ୍ଥଳୀ ଥିଲା ବଣଜଙ୍ଗଲ ଘେରା ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଘେଁସ ଗାଆଁ । ଏବେ ଏହା ବରଗଡ଼ ଜିଲ୍ଲା ଅନ୍ତର୍ଗତ । ଏହି ଗାଁଟିର ଚତୁର୍ଦ୍ଦିଗ ପାହାଡ଼ ଜଙ୍ଗଲରେ ପରିପୂର୍ଣ୍ଣ ।

ଏକ ଜମିଦାର ପରିବାରରେ ମାଧୋ ସିଂହ ଜନ୍ମଗ୍ରହଣ କରିଥିଲେ ହେଁ ସାଧାରଣ ମଣିଷ ଭଳି ସେ ଗ୍ରାମରେ ସମସ୍ତଙ୍କ ସହ ମିଳିମିଶି ଚଳୁଥିଲେ । ସେ ପିଲାଟି ଦିନରୁ ଖୁବ୍ ସ୍ୱାଧୀନଚେତା ଥିଲେ । ସେତେବେଳର ଇଂରେଜମାନଙ୍କ ଶାସନ ବ୍ୟବସ୍ଥାକୁ ସେ ଘୃଣା କରୁଥିଲେ। ବିଦେଶୀ ଶାସକମାନଙ୍କର ଆକ୍ରୋଶମୂଳକ ଆଚରଣ ଓ ସାଧାରଣ ମଣିଷଙ୍କ ପ୍ରତି ନିର୍ଯାତନାକୁ ସେ ସହ୍ୟ କରିପାରୁନଥିଲେ । ସାଧାରଣ ଗରିବ ଲୋକମାନେ ଖାଇବାକୁ ମୁଠେ ପାଉ ନଥିବାବେଳେ ସେମାନଙ୍କଠାରୁ ବଳପୂର୍ବକ ଖଜଣା ଆଦାୟକୁ ସେ ସହଜରେ ଗ୍ରହଣ କରିପାରୁନଥିଲେ । ଛତିଶଗଡ଼ ରାଜ୍ୟର ସୋନାଖାନ ଅଞ୍ଚଳର ଜମିଦାର ନାରାୟଣ ସିଂହ ଥିଲେ ମାଧୋ ସିଂହଙ୍କ ସମ୍ପର୍କୀୟ । ନାରାୟଣ ସିଂହ ଜଣେ ଉଦାରହୃଦୟ ଓ ପ୍ରଜାବତ୍ସଳ ମଣିଷ ଥିଲେ। ଲୋକମାନଙ୍କ ମଙ୍ଗଳ ନିମନ୍ତେ ପ୍ରଜାବତ୍ସଳ ନାରାୟଣ ସିଂହ ଇଂରେଜମାନଙ୍କ ବିରୁଦ୍ଧାଚରଣ କରିଥିଲେ। ସେ ସରକାରୀ ଭଣ୍ଡାରରୁ ଖାଦ୍ୟଶସ୍ୟ ଆଣି ଅଭାବୀ ପ୍ରଜାମାନଙ୍କୁ ବାଣ୍ଟୁ ଥିଲେ । ଏହି କାରଣରୁ ଇଂରେଜମାନେ କ୍ରୋଧାନ୍ୱିତ ହୋଇ ନାରାୟଣ ସିଂହଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ଏହି ଘଟଣା ମାଧୋ ସିଂହଙ୍କୁ ବିଚଳିତ କରିଥିଲା ।

ସେତେବେଳେ ଘେଁସ ଜମିଦାରୀ ସମ୍ବଲପୁର ରାଜ୍ୟ ଅଧୀନରେ ଥିଲା । ଇଂରେଜ ସରକାର ଏକ ବିଜ୍ଞପ୍ତିରେ ପ୍ରକାଶ କଲେ ଯେ ସମ୍ବଲପୁର ଅଧୀନସ୍ଥ ସମସ୍ତ ରାଜା, ଜମିଦାର, ଗୌନ୍ତିଆ ନିଜ ନିଜର ପ୍ରଜାଙ୍କ ଠାରୁ ରାଜସ୍ୱ ଆଦାୟ କରି ସମ୍ବଲପୁରଠାରେ ଇଂରେଜମାନଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଫଳରେ ସେମାନଙ୍କର ସମ୍ମାନରେ ଆଞ୍ଚ ଆସିଲା । ମାଧୋ ସିଂହ ପ୍ରଥମେ ଏହି ଆଦେଶକୁ ଅମାନ୍ୟ କଲେ । ତାଙ୍କୁ ଦେଖି ଆଉ କିଛି ଜମିଦାର ଏଭଳି କରିବା ଫଳରେ ଇଂରେଜ ସରକାର ସେ ସବୁ ଜମିଦାରିକୁ ବାଜ୍ୟାପ୍ତ ଘୋଷଣା କଲେ ।

ସେତେବେଳକୁ ସାରା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଇଂରେଜ ବିରୋଧୀ ସ୍ଲୋଗାନମାନ ଶୁଣାଯାଉଥାଏ । ରାଜା, ମହାରାଜା, ଜମିଦାରମାନେ ସଂଗଠିତ ହେଉଥାନ୍ତି । ସେହି ସମୟରେ ଖୋର୍ଦ୍ଧାର ରାଜଗୁରୁ ଜୟକୃଷ୍ଣ ମହାପାତ୍ରଙ୍କୁ ଫାଶୀ ଦିଆଯିବା, ବକ୍ସି ଜଗବନ୍ଧୁ ବନ୍ଦୀ ହେବା ଭଳି ଅନେକ ଘଟଣା ଘଟିସାରିଥାଏ । ପାଇକ ବିଦ୍ରୋହର ଗର୍ଜନରେ ସାରା ଓଡ଼ିଶା ପ୍ରକମ୍ପିତ ହୋଇ ଉଠୁଥାଏ ।

ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଶହଶହ ବୀରଯୁବକ ସଂଗଠିତ ହେଉଥାନ୍ତି । ମାଧୋ ସିଂହ ବୀର ସୁରେନ୍ଦ୍ର ସାଏଙ୍କ ସହ ମଧ୍ୟ ଯୋଗାଯୋଗରେ ଥାଆନ୍ତି । ବୀର ସୁରେନ୍ଦ୍ର ସାଏଙ୍କ ବିରୋଧରେ ବ୍ରିଟିଶ ଶାସକଙ୍କର ଆଭିମୁଖ୍ୟ ମଧ୍ୟ ମାଧୋ ସିଂହଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥାଏ । ମାଧୋ ସିଂହ ଇଂରେଜ ସରକାର ଉପରେ ଅତ୍ୟଧିକ କ୍ଷୁବ୍ଧ ହୋଇପଡ଼ିଥାନ୍ତି ।

ମାଧୋ ସିଂହ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ସେ ଜାଣିଥିଲେ ଯେ ଦିନେ ନା ଦିନେ ବିଦେଶୀ ଇଂରେଜ ଶାସକ ଏ ଦେଶରୁ ବିତାଡ଼ିତ ହେବେ । ଇଂରେଜମାନଙ୍କ ସହିତ ଯେ ଲଢ଼େଇ ହେବ, ଏହା ସେ ଅନୁମାନ କରିନେଇଥିଲେ । ସାରା ଭାରତବର୍ଷର କୋଣ ଅନୁକୋଣରୁ ବିପ୍ଳବର ବହ୍ନି ଜଳିବାରେ ଲାଗିଲାଣି । ଏଣୁ ମାଧୋ ସିଂହ ଏହି ମହାବିପ୍ଳବପାଇଁ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି । ଜୟୀ ରାଜଗୁରୁ ଯୁବକମାନଙ୍କୁ ନେଇ ଯେଉଁପରି ପାଇକମେଳି ଆରମ୍ଭ କରି ଦେଇଥିଲେ, ସେହିପରି ମାଧୋ ସିଂହ ବଛାବଛା ଆଦିବାସୀ ଯୁବକମାନଙ୍କୁ ନେଇ ବଣଜଙ୍ଗଲରେ ସ୍ୱାଧୀନତାର ମନ୍ତ୍ରରେ ଦୀକ୍ଷିତ କରିଦେଲେ । ଘେଁସ ସ୍ଥିତ ବୁଢାରଜା ଗୁଡି ପାଖରେ ଥିବା ବରଗଛ ମୂଳରେ ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ଯୁବକମାନଙ୍କୁ ଧନୁତୀର, ବର୍ଛା, ଢାଲ, ଖଣ୍ଡା, ମୁଦ୍‌ଗର, ତୋପ ଇତ୍ୟାଦିରେ ଯୁଦ୍ଧବିଦ୍ୟା ଶିକ୍ଷାପ୍ରଦାନ କଲେ । ୧୮୫୭ ମସିହା ଅକ୍ଟୋବର ମାସ ୭ ତାରିଖରେ ସମ୍ବଲପୁରର ବରହମପୁରା ଗୁଡିଠାରେ ବିପ୍ଳବୀମାନେ ଏକଜୁଟ ହୋଇ ଇଂରେଜ ସରକାର ଅତ୍ୟାଚାର ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ସେମାନେ ପାହାଡ଼, ଜଙ୍ଗଲଘେରା ଅଞ୍ଚଳରେ ଥିବା ଘାଟି ସବୁ ଜଗି ରହିଥିଲେ । ବିପ୍ଳବୀ ମାଧୋ ସିଂହ ସିଂଘୋଡ଼ା ଘାଟିକୁ ଜଗି ରହିଥିଲେ ।  ସମ୍ବଲପୁରଠାରୁ ନାଗପୁରକୁ ସଂଯୋଗ କରୁଥିବା ରାସ୍ତାଟି ଯାହା ଇଂରେଜମାନଙ୍କର ଯାତାୟାତର ସୁଗମପଥ ଥିଲା, ଏହି ରାସ୍ତା ମଧ୍ୟରେ ସିଂଘୋଡ଼ା ଘାଟି ଅବସ୍ଥିତ । ଏହି ଘାଟିକୁ ମାଧୋ ସିଂହ ଓ ତାଙ୍କ ପୁଅମାନେ ଅବରୋଧ କରି ରହିଲେ । ଫଳରେ ସମ୍ବଲପୁର ଏବଂ ନାଗପୁର ଦୁଇ ପ୍ରସିଦ୍ଧ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ଏହାଦ୍ୱାରା ଇଂରେଜମାନେ ବହୁ ଅସୁବିଧାର ସମ୍ମୁଖୀନ ହେଲେ । ସେହିଦିନଠାରୁ ମାଧୋ ସିଂହ ଇଂରେଜ ସରକାରଙ୍କ କୋପ ଦୃଷ୍ଟିକୁ ଆସିଗଲେ ।

ଦେଶର ସ୍ୱାଧୀନତା ଏବଂ ମାଟିମାଆକୁ ରକ୍ଷା କରିବାପାଇଁ ମାଧୋ ସିଂହ ଏକା ନୁହଁନ୍ତି, ସାରା ପରିବାର ମିଶି ବିପ୍ଳବରେ ଯୋଗ ଦେଇଥିଲେ । ସିଂଘୋଡ଼ା ଘାଟି କୁ ପ୍ରବେଶ କରିବା ମାତ୍ରେ ବିପ୍ଳବୀ ଯୁବକମାନେ ଉପରୁ ପଥର ଢେଲା ପକାଇ ଇଂରେଜମାନଙ୍କୁ ଅଟକାଇବା ସହିତ ଆକ୍ରମଣ କରି ନିହତ କରୁଥିଲେ । ଫଳରେ ଇଂରେଜମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ଛଡ଼ା ଅନ୍ୟ ଉପାୟ ନଥିଲା। ଇଂରେଜମାନେ ସମ୍ବଲପୁର ଆଡୁ ଆକ୍ରମଣ ନ କରି ନାଗପୁର ପଟୁ ଆକ୍ରମଣର ଯୋଜନା କରିଥିଲେ । ମାତ୍ର ସମସ୍ତ ଯୋଜନା ବିଫଳ ହୋଇଥିଲା। ବାରମ୍ବାର କଳା-କୌଶଳ ପ୍ରୟୋଗ କରି ମାଧୋ ସିଂହଙ୍କୁ ପରାଜିତ କରି ପାରିନଥିବା ଇଂରେଜ ସରକାର ଚିନ୍ତାରେ ପଡ଼ିଲେ। ମେଜର ଫରଷ୍ଟରଙ୍କ ନେତୃତ୍ୱରେ ପରାକ୍ରମୀ ଇଂରେଜ ସୈନ୍ୟମାନେ ହଠାତ୍ ଘେଁସ ଗ୍ରାମ ଘେରାଉ କଲେ। ସେତେବେଳକୁ ଘେଁସରେ କୌଣସି ଲୋକ ନଥିଲେ। ସମସ୍ତେ ଘାଟିରେ ଜଗି ରହିଥିଲେ । ଆଉ କିଛି ଲୋକ ଜଙ୍ଗଲରେ ଲୁଚି ରହିଥିଲେ । ଫଳରେ ଇଂରେଜମାନେ ଘେଁସ ଗ୍ରାମରେ ନିଆଁ ଲଗାଇ ପୋଡି ଛାରଖାର କରିଦେଲେ । ଏହାର ପରିଣତି ସ୍ୱରୂପ ମାଧୋ ସିଂହ କେବଳ ଘାଟି ନୁହେଁ, ସମଗ୍ର ଜନ ସମାଜରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କଲେ ।

ସମ୍ବଲପୁର ଏବଂ ଆଖପାଖ ଅଞ୍ଚଳକୁ ଏହି ବିପ୍ଳବ ବିଦ୍ୟୁତ୍ ବେଗରେ ବ୍ୟାପିଗଲା । ପ୍ରତ୍ୟେକ ଘରୁ ବୀର ଯୁବକମାନଙ୍କ ସହିତ ଆବାଳବୃଦ୍ଧବନିତା ଆସି ଏହି ଆନ୍ଦୋଳନରେ ଯୋଗଦେଲେ । ମାଟି, ପାଣି, ପବନ, ଜଙ୍ଗଲ, ପାହାଡ଼, ଚାରିଆଡ଼ ପ୍ରକମ୍ପିତ ହେଲା । ଶୀତ, କାକର, ଖରାବର୍ଷାରେ ବିପ୍ଳବୀମାନେ ଜଙ୍ଗଲ ପାହାଡ଼ ଖୋଲରେ ଲୁଚି ରହିଲେ ।

ବିଦେଶୀମାନଙ୍କର ଆଧୁନିକ ଅସ୍ତ୍ରଶସ୍ତ୍ର ଆଗରେ ନିରୀହ ଆଦିବାସୀ, ଯୁବକ, ଯୁବତୀ, ବୃଦ୍ଧ, ବୃଦ୍ଧା, ନରନାରୀ ବଳି ପଡ଼ିଲେ। ମାତ୍ର ଇଂରେଜ ସରକାରର ଦାସତ୍ୱ ସ୍ୱୀକାର କରିନଥିଲେ ।

ମଟିଆଭଟା ନାମକ ସ୍ଥାନରେ ବିଶ୍ରାମ ନେଉଥିବା ବେଳେ ଇଂରେଜ ସୈନ୍ୟଙ୍କ ହାତରେ ମାଧୋ ସିଂହ ଧରାପଡ଼ି ବନ୍ଦୀ ହେଲେ । ବୀର ଦୁର୍ଦ୍ଧର୍ଷ ବିପ୍ଳବୀ ମାଧୋ ସିଂହଙ୍କୁ ବିନା ବିଚାରରେ ୧୮୫୮ ମସିହା ଡିସେମ୍ବର ମାସ ୩୧ ତାରିଖରେ ସମ୍ବଲପୁର କାରାଗାରରେ ଫାଶୀ ଦିଆଗଲା । ଏତିକିରେ କଥା ସରିଯାଇ ନଥିଲା । ତାଙ୍କର ଅନ୍ୟ ସାଥୀ ସଂଗ୍ରାମୀମାନଙ୍କୁ ମଧ୍ୟ ଇଂରେଜ ସରକାର ବନ୍ଦୀ କରି ଅକଥନୀୟ ନିର୍ଯାତନା ଦେଲେ । ମାଧୋ ସିଂହଙ୍କ ମୃତ୍ୟୁ ଖବର ପାଇ ଅନ୍ୟ ବିପ୍ଳବୀମାନେ ମର୍ମାହତ ହେଲେ | ତଥାପି ତାଙ୍କର ଚାରିପୁଅ ଏହି ସଂଗ୍ରାମକୁ ଜାରି ରଖିଲେ ।

ଶକ୍ତିଶାଳୀ ଇଂରେଜ ସରକାରଙ୍କ ବିରୋଧରେ ଏମାନେ ବା କେତେଦିନ ଲଢ଼ନ୍ତେ ? ତାଙ୍କର ପୁଅମାନଙ୍କୁ ମଧ୍ୟ ଇଂରେଜ ସରକାର ଛାଡ଼ି ନଥିଲେ । ବଡ଼ପୁଅ ହଟେ ସିଂହଙ୍କୁ ସୁଦୂର କଳାପାଣିକୁ ପଠାଇଦେଲେ । ଦ୍ୱିତୀୟ ପୁଅ କୁଞ୍ଜଲ ସିଂହଙ୍କୁ ଫାଶୀ ଦିଆଗଲା । ତୃତୀୟ ପୁଅ ବୈରୀ ସିଂହଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦିଆଗଲା । ସାନପୁଅ ଐରୀ ସିଂହଙ୍କୁ ମଧ୍ୟ ସେମାନେ ମାରିଦେଇଥିଲେ ।

ଇଂରେଜ ସରକାର ଏହି ବିପ୍ଳବକୁ ଦମନ କରିବାକୁ ବହୁ ଚେଷ୍ଟା କରି ଶେଷରେ ସଫଳ ହେଲେ । ମାଧୋ ସିଂହ ଓ ତାଙ୍କ ପୁଅମାନେ ହସିହସି ମାତୃଭୂମିପାଇଁ ଆତ୍ମବଳି ଦେଇଥିଲେ । ସେହି ବିପ୍ଳବୀମାନଙ୍କ ରକ୍ତରେ ଏ ମାଟି ରଞ୍ଜିତ ହୋଇଥିଲା । ଏହି ଆନ୍ଦୋଳନ ଅନ୍ୟ ସ୍ଥାନରେ ପ୍ରଶମିତ ହୋଇଥିଲେ ହେଁ, ଘେଁସର ବିପ୍ଳବୀମାନେ ଦୀର୍ଘବର୍ଷ ପ୍ରାଣମୂର୍ଚ୍ଛା ସଂଗ୍ରାମ କରି ଇଂରେଜ ସରକାରଙ୍କର ଆଖିରୁ ନିଦ ହଜାଇ ଦେଇଥିଲେ ।

ସହିଦ ମାଧୋ ସିଂହ ଓ ତାଙ୍କର ପୁତ୍ରମାନଙ୍କର ବଳିଦାନ ଏ ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

## ଲେଖକ ପରିଚୟ

ସମସାମୟିକ ଓଡ଼ିଆ ଶିଶୁସାହିତ୍ୟକମାନଙ୍କ ମଧ୍ୟରେ ବୀରେନ୍ଦ୍ର ମହାନ୍ତି ଜଣେ ସୁପରିଚିତ ସ୍ରଷ୍ଟା | ସେ ଆମ ପିଲାମାନଙ୍କପାଇଁ କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ପ୍ରଭୃତି ପ୍ରାୟ ତିରିଶିଟି ପୁସ୍ତକ ରଚନା କରିଛନ୍ତି । ତନ୍ମଧ୍ୟରୁ 'ଥୁକୁଲୁ ଥୁକୁଲୁଥା' କବିତା ଗ୍ରନ୍ଥ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ତଥା 'ରୁମ୍‌କୁ ଝୁମା' କବିତା ଗ୍ରନ୍ଥପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାର ଲାଭ କରିଛନ୍ତି । 'ଶିଶୁ ହସିଲେ ଦୁନିଆ ହସେ' ପୁସ୍ତକ ହିନ୍ଦୀ ଭାଷାରେ ଅନୂଦିତ ହୋଇ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛି । 'ସାବାସ୍ ଠେକୁଆ', 'ଅଜା ଦିନେ ମଜା କଥା କହିଲେ', ଆଦି ଗଳ୍ପ ପୁସ୍ତକ, 'ବ୍ଲାକ୍‌ଟାଇଗର', 'ଜାଗୁଆର'; ଶିଶୁଉପନ୍ୟାସ, 'ଏଇ ମୋର ପ୍ରିୟ ଜନମ ଭୂଇଁ', 'ଠିଆପୁଚି ନାରଙ୍ଗ', କବିତା ପୁସ୍ତକ, 'ଜୟୀ ରାଜଗୁରୁ', 'ବିଶ୍ୱଗୁରୁ ପଦ୍ମବିଭୂଷଣ କେଳୁଚରଣ ମହାପାତ୍ର' ଜୀବନୀ ପୁସ୍ତକ ତାଙ୍କର କେତୋଟି ଉଲ୍ଲେଖନୀୟ ରଚନା ।

ଏହି ପାଠରେ ମହାନ୍ ବିପ୍ଳବୀ ମାଧୋ ସିଂହଙ୍କର ତ୍ୟାଗ, ସାହସିକତା ତଥା ଦେଶପ୍ରେମର ପରିଚୟ ସ୍ଥାନ ପାଇଛି ।

**Textbook Name**- ସାହିତ୍ୟ ସୁମନ

**Class** - ସପ୍ତମ

| Sl. No. | ERROR FOUND IN THE PAGE NUMBER | ERROR FOUND | TO BE READ AS |
|---|---|---|---|
| 1 | Inner Cover Page | Space found in between ଶିକ୍ଷକ ଏବଂ ଶିକ୍ଷୟତ୍ରୀ | space to be omitted |
| 2 | Page no ଗ Inner page | 2020 ପରେ କମା (,)ନାହିଁ<br>ହେଉଛି<br>ସୃଜନଶୀଳ | (,)ରହିବ<br>"ହେଉଛି" ଶବ୍ଦ ରହିବ ନାହିଁ<br>ସର୍ଜନଶୀଳ |
| | | ଯାହା କି<br>ବୈଷୟକ ଶିକ୍ଷା | ଯାହାକି<br>ବୃତ୍ତିଗତ ଶିକ୍ଷା |
| 3 | inner page (ଚ) | କହି କହି<br>ଦେବା<br>କଠିନ | "କହି କହି" ଶବ୍ଦ ରହିବ ନାହିଁ<br>କହିବା<br>ଅପରଚିତ |
| 4 | inner page (ଚ) Para - 3 (L-2) | କରିବା ଶିଖିପାରିବେ | କରିବେ |
| 5 | 10 | ପିଲା ସବୁ | ପିଲାଏ ସବୁ |
| 6 | 16 | ସଂଗ୍ରହ ପରେ କମା(,) ରହିଛି | କମା(,) ରହିବ ନାହିଁ |
| 7 | 20 | ଚାହିଁଛି ଲେଖାଯାଇଛି | ଚାହୁଁଛ ଲେଖା ହେବ |
| 8 | 22 | ହୋଇଛି | ହୋଇଛ |
| 9 | 23 | କରିଥିବା | କରିଥିବ |
| 10 | 24 | ଦୋଲି | ବୋଲି |
| 11 | 39 | ବାଲଟି ପରେ କମା (,) ନାହିଁ | ବାଲଟି ପରେ କମା(,) ରହିବ |
| 12 | 40 | ଲାଗିଥାଏ ପରେ ପୂର୍ଣ୍ଣଚ୍ଛେଦ ନାହିଁ | ଲାଗିଥାଏ ପରେ ପୂର୍ଣ୍ଣଚ୍ଛେଦ ରହିବ |
| 13 | | ଦିଅନ୍ତି ପରେ ପୂର୍ଣ୍ଣଚ୍ଛେଦ ଅଛି | କମା ରହିବ |
| 14 | 41 | ତ କେଉଁଠି ଘର | କେଉଁଠି ଘରତ |
| 15 | 42 | ଗତି ବିଧି ଗୁଡିକୁ ଏହା | ଗତିବିଧି ଗୁଡିକ ଏହି |
| 16 | 43 | କମ୍ | କମି |
| 17 | 45 | ଉଦ୍ୟମ କରିବା ତୁମର | ଉଦ୍ୟମ କରିବ ; ତୁମର |
| 18 | 46 | ତମର | ତୁମର |

| | | | |
|---|---|---|---|
| 19 | 47 | ସଙ୍କଟ କୁ | ଅଭାବକୁ |
| 20 | 49 | ବର୍ଷା ଜଳରେ | ବର୍ଷା ଜଳରେ |
| 21 | 50 | ଗୀତ କବିତ | ଗୀତ /କବିତା |
| 22 | 50 | ଅଟେ | କି |
| 23 | 51 | କୌଣସି | କେତେକ |
| 24 | 52 | କହିଥିଲେ । | କହିଥିଲେ, |
| 25 | 52 | " ରହିଛି | ରହିବ ନାହିଁ |
| 26 | 56 | 1st tanga 4th line ରେ ଅଛି | ' inverted comma |
| 27 | 64 | ଗଳା ବେଳେ | ଗଲାବେଳେ |
| 28 | 69 | ଏହି ଘଟଣା ......... କରିଥିଲେ | ଇଂରେଜମାନେ କ୍ରୋଧାନ୍ୱିତ ହୋଇ ନାରାୟଣଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ |
| 29 | 70 | ପଠ | ପାଠ |
| | | "କ" ସ୍ତମ୍ଭରେ ଦିଆଯାଇଛି............ .........ଦିଆଯାଇଛି | "କ" ସ୍ତମ୍ଭରେ ଦିଆଯାଇଛି । ଏହା ସହିତ ସଂପର୍କ ଥିବା ସ୍ଥାନ ବା ବ୍ୟକ୍ତିର ନାମ "ଖ" ସ୍ତମ୍ଭରେ ଦିଆଯାଇଛି । |
| 30 | 71 | ନିମ୍ନ ବିଷୟରେ | ନିମ୍ନ ଲିଖିତ ପ୍ରଶ୍ନ ବିଷୟରେ |
| 31 | 71 | କୃତ୍ତିଦାସ | କୃତ୍ତିବାସ |
| 32 | 72 | ସହିଦ୍ | ସହିଦ୍ ମାନଙ୍କ |
| 33 | 75 | ଦେଶ | ଦଶ |
| 34 | 77 | ଦେଇ | ନେଇ |
| 35 | 78 | ଜେଝା | ଯେଝା |
| 36 | 80 | କୁହତ | କୁହ ତ |
| 37 | 83 | ପଡିଲା<br>ପାଇଲ | ପଡିଲୁ<br>ପାଇଲୁ |
| 38 | 84 | ଦେଶ , କାମ | ଦେଶ କାମ |
| 39 | 89 | ପୁସ୍ତକ ; ଯଥା | ପୁସ୍ତକ ଯଥା |
| 40 | 90 | ଶୁକ ଦେଇ<br>ଦିଅ | ଶୁକ ଦେଇ<br>ଦିଅଁ |
| 41 | 91 | ହୋଇଲୋ | ହେଇଲୋ |
| 42 | 97 | ଶରତ ଋତୁ | ଶରତଋତୁ |
| 43 | 98 | ଦିଶିବ ଓ ତୋର | ଦିଶିବ ତୋର |

| | | | |
|---|---|---|---|
| 44 | 100 | ୧୦ ନଂ ଧାଡି / ପଦ ବାମ ପାଖରେ ନାହିଁ | ୧୦ ନଂ ଧାଡି ବାମ ପାଖକୁ ଯିବ |
| 45 | 102 | ସେ କାମ କର | ସେହି କାମକୁ |
| 46 | 103 | ଜର | ଜ୍ୱର |
| 47 | 104 | ନିରୂପାୟ | ନିରୁପାୟ |
| 48 | 113 | ଦେଖ<br>ନାଡୀ | ଦେଖେ<br>ନାଡି |
| 49 | 114 | ପଡିବ | ପଡିଲା |
| 50 | 116 | ପିଠ | ପିଠା |
| 51 | 118 | ଧାର<br>କିମ୍ବଦନ୍ତୀ | ଧାରା<br>କିମ୍ବଦନ୍ତି |
| 52 | 136 | ଛାଡିଗଲ | ଛାଡିଗଲୁ |
| 53 | 146 | ପ୍ରମାଣ | ପ୍ରକାଶ |
| 54 | 149 | ଅତୀତ କାଳ<br>ବର୍ତ୍ତମାନ କାଳ | ଅତୀତକାଳ<br>ବର୍ତ୍ତମାନକାଳ |
| 55 | 168 | ଆଲାକୁକ<br>ଫେଲ | ଅଲାକୁକ<br>ଫେଇ |
| 56 | 169 | ବିଭୁ କରୁଣା | ବିଭୁକରୁଣା |